ରାଜ ସିଂ

ବନାମ

ଆଚଲ୍ ମିଶ୍ର ଏବଂ ଅନ୍ୟମାନେ

ମେ 1, 2006

[ଏସ୍.ବି. ସିହ୍ନା, ତରୁଣ୍ ଚାଟାର୍ଜୀ ଏବଂ ପି.କେ. ବାଲାସୁବ୍ରମଣ୍ୟନ୍, ନ୍ୟାୟମୂର୍ତ୍ତିବୃନ୍ଦ]

*ଭଡ଼ା ନିୟନ୍ତ୍ରଣ ଏବଂ ଉଚ୍ଛେଦ - ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯୋଗ୍ୟତା ଆଧାରରେ ସମାଧାନ ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଥିବା କୋଠାର ଭୋଗଦଖଲକାରୀ ଏବଂ ମାଲିକଙ୍କ ମଧ୍ୟରେ ଆପତ୍ତି - ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ଦାଖଲ କରିବାର ପୂର୍ବନିର୍ଦ୍ଧାରିତ ସର୍ତ୍ତ ଥିଲା ଯେ, ଦଖଲକାରୀଙ୍କ ଦ୍ୱାରା ଭଡ଼ା ବକେୟା ରାଶି ଭାବରେ ଏକ ନିର୍ଦ୍ଦିଷ୍ଟ ରାଶି ଜମା କରିବା - ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶର ସଂଶୋଧନ ପାଇଁ ଆବେଦନ - ଅର୍ଥରାଶି ଜମା ନକରିବା - ଜମା ନକରିବା ଏବଂ ମାଲିକଙ୍କ ସପକ୍ଷରେ କୋଠା ଛାଡ଼ିବାର ଆଦେଶ କାରଣରୁ ରିଟ୍ ଆବେଦନ ଖାରଜ ହେବା - ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ସଂଶୋଧନ କରାଯାଇଛି - ନିର୍ଣ୍ଣୟ କରାଗଲା : ଭୋଗଦାଖଲକାରୀଙ୍କୁ ପରିବର୍ତ୍ତିତ ଆଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି - ଉଚ୍ଚ ନ୍ୟାୟାଳୟଙ୍କ କାର୍ଯ୍ୟାନୁଷ୍ଠାନ ଆଦେଶର ଅନୁପାଳନ ଉପରେ ନିର୍ଭର କରିବ ।*

ଏହି ନ୍ୟାୟାଳୟ, ଏଠାରେ ପକ୍ଷମାନଙ୍କ ମଧ୍ୟରେ ଅପିଲର ନିଷ୍ପତ୍ତି ନେବା ସମୟରେ, ଅପିଲକାରୀ-ଭୋଗଦଖଲକାରୀଙ୍କୁ ବକେୟା ଭଡା ବାବଦକୁ 3,00,000 ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇ ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଇ ଦେଇଥିଲେ । 1979 ମସିହାରେ ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିବା ରିଟ୍ ଆବେଦନକୁ କାର୍ଯ୍ୟକାରୀ କରିବା ପାଇଁ ଏହା ଏକ ପୂର୍ବ ସର୍ତ୍ତ ଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଅର୍ଥରାଶି ପ୍ରଦାନ କରାଯାଇନଥିବାରୁ ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଖାରଜ କରିଦେଇଥିଲେ । ଉଚ୍ଛେଦ ଅଧିକାରୀ, ଏହି ଅର୍ଥରାଶି ଜମା କରିବାର ଆଦେଶର ଅନନୁପାଳନ କରିବା ଏବଂ ଏହାର ଫଳସ୍ୱରୂପ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରିଟ୍ ଆବେଦନ ଖାରଜ ହେବା ଦୃଷ୍ଟିରୁ, ମାଲିକ-ଉତ୍ତରଦାତାଙ୍କ ସପକ୍ଷରେ କୋଠାଟିକୁ ମୁକ୍ତ କରିବାର ଆଦେଶ ପାରିତ କରିଥିଲେ ।

2005 ରେ ଦାଖଲ ହୋଇଥିବା ରିଟ୍ ଆବେଦନରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉଚ୍ଛେଦ ଅଧିକାରୀଙ୍କ ଆଦେଶକୁ ସ୍ଥଗିତ ରଖାଯାଇଥିଲା । ତେଣୁ ବର୍ତ୍ତମାନର ଅପିଲଟି । ଅର୍ଥରାଶି ଜମା କରିବା ଆଦେଶକୁ ଏହି ନ୍ୟାୟାଳୟଙ୍କ ଦ୍ୱାରା ସାମାନ୍ୟ ପରିବର୍ତ୍ତନ କରାଯାଇଥିଲା ।

ଅପିଲକାରୀ-ଭୋଗଦଖଲକାରୀ ଯୁକ୍ତି ବାଢିଥିଲେ ଯେ ସେ ଏହି ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ରାଶି ଜମା କରିନାହାନ୍ତି, କାରଣ 3,00,000/- ଟଙ୍କାର ଅର୍ଥରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ, ଏହି ତଥ୍ୟକୁ ଧ୍ୟାନ ନଦେଇ ଥିଲା ଯେ ଅପିଲଟି ବିଚାରାଧୀନ ଥିବା ସମୟରେ ଅର୍ଥରାଶିର ଏକ ଅଂଶ ଜମା ହୋଇସାରିଥିଲା ।

ଅପିଲଟିକୁ ମଞ୍ଜୁରୀ ଦେଇ, ନ୍ୟାୟାଳୟ

ନିର୍ଣ୍ଣୟ କଲେ : ପରିବର୍ତ୍ତିତ ଆଦେଶକୁ ଦୃଷ୍ଟିରେ ରଖି, ଉଭୟ ଆବେଦନରେ ଆପତ୍ତି କରାଯାଇଥିବା ଆଦେଶକୁ ବାତିଲ କରିଦିଆଯାଇଛି ଏବଂ ଏହା ନିର୍ଦ୍ଦେଶ ଦିଆଯାଇଛି ଯେ ଯଦି ଭୋଗଦଖଲକାରୀ ଏହି ନ୍ୟାୟାଳୟର ପରିବର୍ତ୍ତିତ ନିର୍ଦ୍ଦେଶକୁ ପାଳନ ନକରନ୍ତି, ତେବେ ଉଚ୍ଚ ନ୍ୟାୟାଳୟରେ ତାଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ଖାରଜ ହୋଇଯିବ

**କାରଣ ଏହା ତାଙ୍କ ସହ ଜଡିତ ଏବଂ 2005 ର ରିଟ୍ ଆବେଦନରେ ପାରିତ ମଧ୍ୟକାଳୀନ ଆଦେଶକୁ ବାତିଲ କରାଯିବ । ଉଚ୍ଛେଦ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେ ଭୋଗଦଖଲକାରୀଙ୍କ ଦଖଲରେ ଥିବା କୋଠାର ସେହି ଅଂଶକୁ ମାଲିକଙ୍କୁ ତୁରନ୍ତ ହସ୍ତାନ୍ତର କରନ୍ତୁ । ଯଦି ଭୋଗଦଖଲକାରୀ ପରିବର୍ତ୍ତିତ ଆଦେଶର ଅନୁପାଳନ କରନ୍ତି ଏବଂ ନିର୍ଦ୍ଦେଶିତ ଅର୍ଥରାଶି ଜମା କରନ୍ତି କିମ୍ବା ନିର୍ଦ୍ଦେଶ ଅନୁଯାୟୀ ଅର୍ଥରାଶି ଜମା କରନ୍ତି, ତେବେ 1979 ର ରିଟ୍ ଆବେଦନର ଶୁଣାଣି କରାଯିବ ଏବଂ ଯୋଗ୍ୟତା ଆଧାରରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ତ୍ୱରିତ ଭାବେ ଏହାର ଫଏସଲା କରାଯିବ ଏବଂ ଉଚ୍ଛେଦ ଅଧିକାରୀଙ୍କ ଦ୍ୱାରା ପାରିତ ବିତରଣ ଆଦେଶକୁ ପକ୍ଷମାନଙ୍କୁ ଆଇନ ଅନୁଯାୟୀ ସେମାନଙ୍କର ପ୍ରତିକାର ପାଇଁ ଛାଡ଼ି ଦିଆଯିବ ।**

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 2379/2006 ।

ଡବ୍ଲ୍ୟୁ.ପି. ସଂଖ୍ୟା 803 (R/C) 1979 ରେ ଥିବା ସି.ଏମ୍. ଆବେଦନ ସଂଖ୍ୟା 1083/2005 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ (ଲକ୍ଷ୍ନୌ ବେଞ୍ଚ)ଙ୍କ ତା 29.8.2005 ରିଖର ରାୟ/ଆଦେଶରୁ ।

ସହିତ

(ଦେୱାନୀ ଅପିଲ 2380/2006)

ଆବେଦନକାରୀଙ୍କ ପାଇଁ ମନୋଜ ସ୍ୱରୂପ ଆଣ୍ଡ କମ୍ପାନୀ ପାଇଁ ମନୋଜ ସ୍ୱରୂପ, ଲଲିତା କୋହଲି, ମୋନା ରାଜବଂଶୀ ଏବଂ ଅନୁଭବ କୁମାର ।

ଉତ୍ତରଦାତାଙ୍କ ପାଇଁ ସୁନୀଲ କୁମାର ଜୈନ, ଏସ୍. ବୋରଥାକୁର, ମନୀଷ କୁମାର ଏବଂ ବି. ବରୁଆ ।

**ନ୍ୟାୟମୂର୍ତ୍ତି, ପି.କେ. ବାଲାସୁବ୍ରମଣ୍ୟନଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

1. ଅନୁମତି ପ୍ରଦାନ କରାଗଲା ।

2. ଏସ୍.ଏଲ୍.ପି. (ସି) ସଂଖ୍ୟା 1161/2006 ରୁ ଉତ୍ପନ୍ନ ହୋଇଥିବା ଦେୱାନୀ ଅପିଲରେ ରିଟ୍ ଆବେଦନ ସଂଖ୍ୟା 803 (R/c)/1979 ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରାଯାଇଛି, ଯାହା ଦ୍ୱାରା ଉଚ୍ଚ ନ୍ୟାୟାଳୟ ଦେୱାନୀ ଅପିଲ ସଂଖ୍ୟା 3322/1998 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶର ପାଳନ ନକରିବା କାରଣରୁ, ଏଠାରେ ଅପିଲକାରୀଙ୍କ ସହ ଜଡିତ ରିଟ୍ ଆବେଦନକୁ ଖାରଜ କରିଦେଇଥିଲେ । ସେହି ଅପିଲରେ, ଉଚ୍ଚ ନ୍ୟାୟାଳୟକୁ ରିଟ୍ ଆବେଦନ ପଠାଇବା ସମୟରେ, ଏହି ନ୍ୟାୟାଳୟ ଅପିଲକାରୀଙ୍କୁ 3,00,000/- ଟଙ୍କାର ଭଡ଼ା ବକେୟା ଜମା କରିବା ପାଇଁ ଏବଂ ପକ୍ଷମାନଙ୍କର ଯୁକ୍ତିକୁ ପ୍ରଭାବିତ ନକରି ଭବିଷ୍ୟତରେ 1,000/- ଟଙ୍କା ଭଡା ଦେବାକୁ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଦେୱାନୀ ଅପିଲରେ ଉତ୍ତରଦାତା ସଂଖ୍ୟା -1 ସହିତ ଉଚ୍ଚ ନ୍ୟାୟାଳୟରେ ଦାଖଲ କରିଥିବା ତାଙ୍କ ରିଟ୍ ଆବେଦନକୁ କାର୍ଯ୍ୟକାରୀ କରିବା ପାଇଁ ଏକ ପୂର୍ବ ସର୍ତ୍ତ ଭାବରେ ନିର୍ଦ୍ଦେଶ ଦେଇଥିଲେ । ଯେହେତୁ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ 3,00,000/- ଟଙ୍କା ପୈଠ କରାଯାଇନଥିଲା, ତେଣୁ ଏହି ନ୍ୟାୟାଳୟଙ୍କ ରାୟରେ ଏହି ବିଷୟରେ ସ୍ପଷ୍ଟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଖାରଜ କରିଦେଲେ, ଏହିପରି ଭାବରେ ଅପିଲକାରୀଙ୍କୁ ଯୋଗ୍ୟତା ଉପରେ ତାଙ୍କ ରିଟ୍ ଆବେଦନ ଉପରେ ଯୁକ୍ତି ଉପସ୍ଥାପନ କରିବାର ସୁଯୋଗରୁ ବଞ୍ଚିତ କରିଥିଲେ । ଅପିଲକାରୀଙ୍କ ଦ୍ୱାରା ଏହି ଅପିଲକୁ ଆପତ୍ତି କରିବା ମୂଳତଃ ଏହି ଯୁକ୍ତି ଉପରେ ଆଧାରିତ ଯେ, ସେ ଦେୱାନୀ ଅପିଲ

ସଂଖ୍ୟା 3322/1998 ରେ ଏହି ନ୍ୟାୟାଳୟର ରାୟକୁ ସଂଶୋଧନ କରିବା ପାଇଁ ଆଇ.ଏ. ସଂଖ୍ୟା 7/2005 ଦାଖଲ କରିଥିଲେ, ଯେହେତୁ ଏହା ତାଙ୍କ ଦ୍ୱାରା ଜମା କରାଯିବାକୁ ଥିବା ଅର୍ଥରାଶି ସହ ଜଡିତ ଥିଲା, ଯେହେତୁ ଦେୱାନୀ ଅପିଲ ସଂଖ୍ୟା 3322/1998 ବିଚାରାଧୀନ ଥିବା ସମୟରେ ସେ ଏହି ମାମଲାରେ ଉତ୍ତରଦାତାଙ୍କୁ ଦେଇଥିବା 1,45,860/- ଟଙ୍କାର ଅର୍ଥରାଶିକୁ ଧ୍ୟାନରେ ରଖାଯାଇନଥିଲା ଏବଂ ଯଦି ଏହାକୁ ଧ୍ୟାନରେ ରଖାଯାଇଥାନ୍ତା ତେବେ 3,00,000/- ଟଙ୍କା ବଦଳରେ କେବଳ 1,54,140/- ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଥାନ୍ତା I

3. ଏସ.ଏଲ.ପି. (ସି) ସଂଖ୍ୟା 2491/2006ରୁ ଉଠିଥିବା ଏହି ଦେୱାନୀ ଅପିଲ କୋଠାର ମାଲିକଙ୍କ ଦ୍ୱାରା ରିଟ୍ ଆବେଦନ ସଂଖ୍ୟା 6050 (M/s)/2005 ରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଆପତ୍ତି କରି ଦାଖଲ କରାଯାଇଛି, ଯେଉଁଥିରେ ଅତିରିକ୍ତ ସିଟି ମାଜିଷ୍ଟ୍ରେଟ (ପଞ୍ଚମ) /ଜେ.ଡି. ଏବଂ ଲକ୍ଷ୍ନୌର ଉଚ୍ଛେଦ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ସ୍ଥଗିତ ରଖାଯାଇଛି, ଯେଉଁଥିରେ ୟୁ.ପି. ଭଡା ନିୟନ୍ତ୍ରଣ ଅଧିନିୟମର ଧାରା 18 (3) ଅନୁଯାୟୀ ମାଲିକଙ୍କୁ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ତାଙ୍କୁ କୋଠାର ଦଖଲରେ ରଖିବାକୁ ଭୋଗଦଖଲକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି I ଏହି ଆଦେଶ ଉଚ୍ଛେଦ ଅଧିକାରୀଙ୍କ ଦ୍ୱାରା ଏହି ଆଧାରରେ ପାରିତ ହୋଇଥିଲା ଯେ, ଦେୱାନୀ ଅପିଲ ସଂଖ୍ୟା 3322/1998 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଉତ୍ତରଦାତା ଭୋଗଦଖଲକାରୀ ଦେୟ ପୈଠ କରିବାରେ ବିଫଳ ହେବା ଏବଂ ତାଙ୍କ ସହିତ ଜଡିତ ଉଚ୍ଚ ନ୍ୟାୟାଳୟରେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ୍ ଆବେଦନର ଖାରଜକୁ ଦୃଷ୍ଟିରେ ରଖି ଅପିଲକାରୀଙ୍କ ସପକ୍ଷରେ କୋଠାଟିକୁ ମୁକ୍ତ କରିବା ପାଇଁ ଆଦେଶ ଚୂଡ଼ାନ୍ତ ହୋଇଯାଇଥିଲା I ଅପିଲକାରୀଙ୍କ ତରଫରୁ ଏହା ଯୁକ୍ତି କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟର ବିଦ୍ୱାନ ନ୍ୟାୟମୂର୍ତ୍ତି ରିଟ୍ ଆବେଦନକୁ ଗ୍ରହଣ କରିଥିଲେ, ଯେତେବେଳେ ସମ୍ପୃକ୍ତ କ୍ଷେତ୍ରାଧିକାରିତା ତାଙ୍କୁ ନ୍ୟସ୍ତ କରାଯାଇ ନଥିଲା, ବରଂ ଅନ୍ୟ କୌଣସି ବିଦ୍ୱାନ ନ୍ୟାୟମୂର୍ତ୍ତିଙ୍କୁ ନ୍ୟସ୍ତ କରାଯାଇଥିଲା ଏବଂ ନ୍ୟାୟିକ ମାନସିକତାର ପ୍ରୟୋଗ ବିନା ଏବଂ ବାହ୍ୟ କାରଣ ପାଇଁ ଉଚ୍ଛେଦକୁ ସ୍ଥଗିତ କରିବା ଆଦେଶ ପାରିତ କରାଯାଇଥିଲା I ଦେୱାନୀ ଅପିଲ ସଂଖ୍ୟା 3322/1998 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ 3,00,000/- ଟଙ୍କା ଜମା କରିବାରେ ଭୋଗଦଖଲକାରୀଙ୍କ ବିଫଳତାକୁ ଦୃଷ୍ଟିରେ ରଖି ମୁକ୍ତ କିମ୍ବା ଉଚ୍ଛେଦ ଆଦେଶ ବାଧ୍ୟତାମୂଳକ ଭାବରେ ପ୍ରବର୍ତ୍ତନୀୟ ହେଲା I ଉଚ୍ଛେଦ ଅଧିକାରୀଙ୍କ ଆଦେଶରେ କୌଣସି ଦୁର୍ବଳତା ନଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏହି ଆଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବାରେ ଭୁଲ କରିଥିଲେ I

4. ଯେହେତୁ ଆମେ ଦେୱାନୀ ଅପିଲ ସଂଖ୍ୟା 3322/1998 ରେ ଅନ୍ତରୀଣ ଆବେଦନ ସଂଖ୍ୟା 7/2005 କୁ ଗ୍ରହଣ କରିଛୁ ଏବଂ ଏଠାରେ ଉତ୍ତରଦାତାଙ୍କ ଦ୍ୱାରା ପୈଠ କରାଯିବାକୁ ଥିବା ରାଶିକୁ ସଂଶୋଧନ କରିଛୁ ଏବଂ ହ୍ରାସ ହୋଇଥିବା ଅର୍ଥରାଶି ପୂରଣ କରିବା ପାଇଁ ସମୟ ବୃଦ୍ଧି କରିଛୁ, ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ପ୍ରକ୍ରିୟାଗତ ଔଚିତ୍ୟ କିମ୍ବା ଅନ୍ୟଥା ବିଚାର କରିବା ଆବଶ୍ୟକ ନାହିଁ I କିନ୍ତୁ ଆମେ ଲକ୍ଷ୍ୟ କରିବାକୁ ଚାହୁଁଛୁ ଯେ, ନ୍ୟାୟାଳୟ ନିଶ୍ଚିତ କରିବା ପାଇଁ ପ୍ରୟାସ କରିବା ଉଚିତ ଯେ, ଏଭଳି ଅଭିଯୋଗ ପାଇଁ କୌଣସି ସ୍ଥାନ ଦିଆଯାଉ ନାହିଁ I

6. ଦେୱାନୀ ଆବେଦନ ସଂଖ୍ୟା 3322/1998 ର ଆଇ.ଏ. ସଂଖ୍ୟା 7/2005 ରେ ଆମର ସମ ତାରିଖ ଆଦେଶକୁ ଦୃଷ୍ଟିରେ ରଖି, ଏହିସବୁ ଅପିଲରେ କେବଳ ଉଭୟ ଅପିଲରେ ଆପତ୍ତି କରାଯାଇଥିବା ଆଦେଶକୁ ବାତିଲ କରିବା ଆବଶ୍ୟକ ଏବଂ ନିର୍ଦ୍ଦେଶ ଦେବା ଯେ ଯଦି ଭୋଗଦଖଲକାରୀ ଏଥିରେ ଜାରି କରାଯାଇଥିବା ଏହି ନ୍ୟାୟାଳୟଙ୍କ ପରିବର୍ତ୍ତିତ ନିର୍ଦ୍ଦେଶକୁ ପାଳନ ନକରନ୍ତି, ତେବେ ଉଚ୍ଚ ନ୍ୟାୟାଳୟରେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ୍ ଆବେଦନ, ଯଥା, ଦେୱାନୀ ରିଟ୍ ଆବେଦନ ସଂଖ୍ୟା 803/(R/c)/1979, ତାଙ୍କ ସହ ଜଡିତ ଥିବା ଦୃଷ୍ଟିରୁ ଖାରଜ ହୋଇଯିବ ଏବଂ ରିଟ୍ ଆବେଦନ ସଂଖ୍ୟା 6050 (M/s)/2005 ରେ ପାରିତ ମଧ୍ୟକାଳୀନ ଆଦେଶ ବାତିଲ ହୋଇଯିବ ଏବଂ ଏହା ସହିତ

ରାଜ ସିଂହଙ୍କ ଦଖଲରେ ଥିବା କୋଠାର ସେହି ଅଂଶକୁ ତୁରନ୍ତ ଏହାର ମାଲିକଙ୍କୁ ହସ୍ତାନ୍ତର କରିବା ପାଇଁ ଉଚ୍ଛେଦ ଅଧିକାରୀଙ୍କୁ ଆହୁରି ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟ ପକ୍ଷରେ, ଯଦି ଭୋଗଦଖଲକାରୀ ରାଜ ସିଂହ ସି.ଏ. ସଂଖ୍ୟା 3322/1998ରେ ଅନ୍ତରୀଣ ଆବେଦନ ସଂଖ୍ୟା 7/2005ରେ ଆମର ଆଦେଶକୁ ପାଳନ କରନ୍ତି ଏବଂ ନିର୍ଦ୍ଦେଶିତ ରାଶି ଜମା କରନ୍ତି କିମ୍ବା ନିର୍ଦ୍ଦେଶ ଅନୁଯାୟୀ ରାଶି ଜମା କରନ୍ତି, ତେବେ ଦେୱାନୀ ରିଟ୍ ଆବେଦନ ସଂଖ୍ୟା 803 (R/c)/1979 ର ଶୁଣାଣି ହେବ ଏବଂ ଉଚ୍ଚ ନ୍ୟାୟାଳୟନଙ୍କ ଦ୍ୱାରା ଯୋଗ୍ୟତା ଆଧାରରେ ତ୍ୱରିତ ଭାବେ ଏହାର ଫଏସଲା କରାଯିବ ଏବଂ ବର୍ତ୍ତମାନ ଉଚ୍ଛେଦ ଅଧିକାରୀଙ୍କ ଦ୍ୱାରା ପାରିତ ହୋଇଥିବା ବିତରଣ ଆଦେଶକୁ ବାତିଲ କରାଯିବ ଏବଂ ପକ୍ଷମାନଙ୍କୁ ଏଥିରେ ଥିବା ନିର୍ଦ୍ଦେଶ ଅନୁଯାୟୀ ଆଇନ ଅନୁଯାୟୀ ସେମାନଙ୍କର ପ୍ରତିକାର ବାହାର କରିବାକୁ ଛାଡ଼ି ଦିଆଯିବ । ଅନ୍ୟ ଅର୍ଥରେ, ଯଦି ଭୋଗଦଖଲକାରୀ ରାଜ ସିଂହଙ୍କ ଯୁକ୍ତିକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଏ, ତେବେ ସେ ଆଇନ ଅନୁଯାୟୀ ତାଙ୍କ ପାଇଁ ଉପଲବ୍ଧ ପ୍ରତିକାରକୁ ଅନୁସରଣ କରିପାରିବେ ଏବଂ କୋଠାର ମାଲିକ ରାଜ ସିଂହଙ୍କ ଦଖଲରେ ଥିବା ଅଂଶକୁ ତୁରନ୍ତ ହସ୍ତାନ୍ତର କରିବା ପାଇଁ ଉଚ୍ଛେଦ ଅଧିକାରୀଙ୍କ ନିକଟକୁ ଯାଇପାରିବେ ଏବଂ ତା'ପରେ ଉଚ୍ଛେଦ ଅଧିକାରୀ ରାଜ ସିଂହଙ୍କୁ ଉଚ୍ଛେଦ କରି କୋଠାର ସେହି ଅଂଶକୁ ତୁରନ୍ତ ମାଲିକଙ୍କୁ ପ୍ରଦାନ କରିବେ । ଯଦି ରିଟ୍ ଆବେଦନକୁ ଅନୁମତି ଦିଆଯାଏ, ତେବେ ମାଲିକଙ୍କୁ ଆଇନରେ ଉପଲବ୍ଧ ପ୍ରତିକାରକୁ ଅନୁସରଣ କରିବାକୁ ପଡିବ ।

7. ତେଣୁ ଉପରୋକ୍ତ ଉପାୟରେ ଅପିଲଗୁଡ଼ିକୁ ମଞ୍ଜୁର ଦିଆଯାଇଛି ଏବଂ ସମାଧାନ କରାଯାଇଛି ।

କେ.କେ.ଟି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।